# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ଦୂରଭାଷ : ୦୬୭୬୨-୨୨୪୪୧୪

ଇମେଲ୍:-ଡିକେଏଲ୍.ଡିଆଇପିଆର୍‌ଓ@ ଜିମେଲ୍.କମ୍


ପତ୍ର ସଂଖ୍ୟା ---୪୨୨---/ସୂ.ଲୋ.ସଂ ତା. ୧୯-୦୨-୨୦୨୦

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓଡ୍ରାଫ କାର୍ଯ୍ୟର ମକ୍ ଡ୍ରିଲ୍

ଢେଙ୍କାନାଳ, ତା- ୧୯|୦୨|୨୦୨୦- ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗରେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଓଡ୍ରାଫ କାର୍ଯ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ପ୍ରଥମ ବାଟାଲିଅନ୍, ଢେଙ୍କାନାଳର ଓଡ୍ରାଫ ଟିମ୍ ଦ୍ୱାରା ଏକ ମକ୍ ଡ୍ରିଲ୍ ପ୍ରଦର୍ଶନ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଓଡ୍ରାଫ ଟିମର ମକ୍ ଡ୍ରିଲ୍ ଦ୍ୱାରା ପୂର୍ବ ପ୍ରସ୍ତୁତି ପ୍ରଦର୍ଶନ ଲୋକମାନଙ୍କ ମନରେ ଆତ୍ମ ବିଶ୍ୱାସ, ସୁରକ୍ଷା ଭାବ ଏବଂ ଆସ୍ଥା ଆଣି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଓଡ୍ରାଫ ଟିମର କାର୍ଯ୍ୟଦକ୍ଷତା ଓ ସଫଳତା ସାରା ଦେଶ ତଥା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି । ଯେ କୌଣସି ପ୍ରକାରର ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା ପାଇଁ ଓଡ୍ରାଫ ଟିମର ପୂର୍ବ ପ୍ରସ୍ତୁତି ଓ ଉଚ୍ଚମାନର କାର୍ଯ୍ୟକାରିତା ବେଶ୍ ସଫଳ ହୋଇପାରୁଛି । ଜିଲ୍ଲାରେ ବଜ୍ରପାତରେ ଅଧିକ ଲୋକ. ମୃତ୍ୟୁବରଣ କରୁଥିବାରୁ ପୂର୍ବ ସୂଚନା ଅନୁଯାୟୀ ଏହି ସମୟରେ ଘରୁ ନ ବାହାରିବାକୁ ସେ ପରାମର୍ଶ ଦେଇଥିଲେ । ଜନସାଧାରଣ, ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ଫଳରେ ଢେଙ୍କାନାଳ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମ୍ ଏବଂ ନିୟନ୍ତ୍ରଣରେ ଅଛି, ଏଥିପାଇଁ ଆମକୁ ଅଧିକ ସ୍ୱାସ୍ଥ୍ୟ ସଚେତନ ଓ ସତର୍କ ରହିବା ଆବଶ୍ୟକ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର କୁମାର ମାଲିକ (ପ୍ରଶାସନ), ସମସ୍ତ ପ୍ରକାରର ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ଆମର ମନୋବଳ ବଢାଇବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ସଂପ୍ରତି ଓଡ୍ରାଫ ଟିମର କରୋନା ଆକ୍ରାନ୍ତ ସଦସ୍ୟମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୌଦାମିନୀ ସେଠୀ (ରାଜସ୍ୱ), ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ ଅନୁଯାୟୀ ଆମର ପୂର୍ବ ପ୍ରସ୍ତୁତି ଫଳରେ ଧନ-ଜୀବନ କ୍ଷୟକ୍ଷତିରୁ ବର୍ତ୍ତିବାରେ ସକ୍ଷମ ହୋଇପାରୁଛୁ ବୋଲି ସେ ମତବ୍ୟକ୍ତ କରିଥିଲେ । ସମସ୍ତ ପ୍ରକାର ବିପର୍ଯ୍ୟୟକୁ ଦୃଢ଼ ମନୋବଳ ଓ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ ।

ପ୍ରଥମ ବାଟାଲିୟନ, ଟେକ୍ନିକାଲ ଓଡ୍ରାଫ ଟିମ୍‌ର ଅଧିକାରୀଙ୍କୁ କମାଣ୍ଡାଣ୍ଟ ଶ୍ରୀ ରମେଶ ଚନ୍ଦ୍ର ମହାଲି, ଜିଲ୍ଲା ରେଡ଼କ୍ରସ ଶାଖାର ଉପ-ସଭାପତି ଶ୍ରୀ ବଳରାମ ନାରାୟଣ ପାଣି, ଓସଡମାର ସ୍ଫିୟର ପ୍ରୋଜେକ୍ଟ ଅଫିସର ଶ୍ରୀ ମେଘନାଦ ବେହେରା, ଦୈନନ୍ଦିନ ପ୍ରୟୋଗ ମାଧ୍ୟମରେ ସଚେତନତା ଅବଲମ୍ବନ ପୂର୍ବକ ସଚେତନ ରହି, ବିପର୍ଯ୍ୟୟକୁ ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିଲେ ସମସ୍ତ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରାଯାଇ-ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ଟେକ୍ନିକାଲ ଓଡ୍ରାଫ ଟିମ୍ ସଦସ୍ୟମାନେ ବନ୍ୟା ସମୟରେ ପ୍ଲାଷ୍ଟିକ ବୋତଲ, ଜାରିକେନ ସାହାଯ୍ୟରେ ଜୀବନ ବଞ୍ଚାଇବା କୌଶଳ, ଉଚ୍ଚ ସ୍ଥାନରୁ ମେସିନ ଦ୍ୱାରା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ, ହଠାତ୍ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଗଲେ, ତାକୁ ଲିଭାଇବାର ସରଳ କୌଶଳ, ଗ୍ୟାସ କଟର ଦ୍ୱାରା ଲୁହା ରଡ଼ କାଟିବା, ମେସିନ ଦ୍ୱାରା ଗଛ କାଟା, ପଥର କଟା ଆଦି କାର୍ଯ୍ୟ-କୌଶଳ ପ୍ରଦର୍ଶନ କରିଥିଲେ ।

ପ୍ରାରମ୍ଭରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ନିମାଇଁ ଚରଣ ଦାସ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଶେଷରେ ଆବାସିକ ଅଧିକାରୀ ଶ୍ରୀ [illegible] ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ମକଡ୍ରିଲ ପ୍ରଦର୍ଶନ ସମୟରେ ସମସ୍ତ ଅତିରିକ୍ତ କଲେକ୍ଟର, ଡେପୁଟି କଲେକ୍ଟର, ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ପୋଲିସ ଅଧିକାରୀଗଣ, ସ୍କାଉଟ ଗାଇଡ୍ସ ସୋସାଇଟି ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

— x —

(ଦସ୍ତଖତ)
୨୯.୭.୨୦୨୦
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।